Together, Let us light up our lives

# ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ

# ODISHA ELECTRICITY REGULATORY COMMISSION


ବିଦ୍ୟୁତ୍ ନିୟାମକ ଭବନ

ପ୍ଲଟ୍ ନଂ.୪, ଚୂନକୋଳି, ଶୈଳଶ୍ରୀବିହାର, ଭୁବନେଶ୍ୱର-୭୫୧୦୨୧

ଟେଲିଫୋନ ନଂ.୨୭୨୧୦୪୮, ୨୭୨୧୦୪୯

ଇମେଲ: oerc@odisha.gov.in, ୱେବସାଇଟ: www.orierc.org


---

## କେସ୍ ନଂ.୮୦/୨୦୨୪

## ସର୍ବସାଧାରଣ ବିଜ୍ଞପ୍ତି

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ଏହାର କେସ୍ (ସୁଓମୋଟୁ ପ୍ରୋସିଡିଂ) ୨୦୨୦ ର ନଂ.୧୧ ରେ ଆୟୋଗଙ୍କ ଦ୍ୱାରା ମଞ୍ଜୁରି ଆଦେଶ ସହିତ ଏହାର ଯୋଗାଣ ଲାଇସେନ୍ସ ଏରିଆରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପ୍ଲାନର ଅନୁମୋଦନ ଲାଗି ଓଇଆରସି (ହୁଇଲିଂ ଟାରିଫ ଆଣ୍ଡ ରିଟେଲ ସପ୍ଲାୟ ଟାରିଫର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨ ର ଧାରା ୩.୨, ୩.୨.୧ ଏବଂ ୩.୨.୨ ଅଧିନରେ ଏକ ଆବେଦନ ଫାଇଲ କରିଥିଲା। ଆୟୋଗ ବର୍ତ୍ତମାନ ଏହାକୁ ୨୦୨୪ ର କେସ୍ ନଂ.୮୦ ଭାବରେ ପଞ୍ଜିକୃତ କରିଛନ୍ତି ଏବଂ ତା.୧୯.୧୧.୨୦୨୪ ରେ ଏକ ମଧ୍ୟବର୍ତ୍ତୀ ଆଦେଶ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ଯେଉଁଥିରେ ଉକ୍ତ କେସ୍‌ଟିକୁ ଜନଶୁଣାଣୀ ଜରିଆରେ ସମାଧାନ କରାଯିବ। ଏହି ପରିପେକ୍ଷିରେ ମେସର୍ସ ଟିପିସିଓଡିଏଲ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ପିଟିସନ ସହିତ ସମସ୍ତ ଅନୁଛେଦ ଗୁଡ଼ିକ ଓଇଆରସି ର ୱେବସାଇଟ (www.orierc.org) ଏବଂ ମେସର୍ସ ଟିପିସିଓଡିଏଲ ର ୱେବସାଇଟ (www.tpcentralodisha.com) ରେ ଉପଲବ୍ଧ ହେବ।

ଆଗ୍ରହୀ ବ୍ୟକ୍ତି / ପ୍ରତିଷ୍ଠାନ / ସଂସ୍ଥା ତାଙ୍କର ମନ୍ତବ୍ୟ / ମତାମତ / ପ୍ରତିବାଦକୁ ସତ୍ୟପାଠ ସମର୍ଥିତ ଆକାରରେ **୦୪.୧୨.୨୦୨୪** ସୁଦ୍ଧା ବା ତାପୂର୍ବରୁ ଆବେଦନକାରୀ ଟିପିସିଓଡିଏଲ ଙ୍କୁ ଏକ କପି ସହିତ ଆୟୋଗଙ୍କୁ ପଠାଇ ପାରିବେ।

**ଆୟୋଗଙ୍କ ଆଦେଶକ୍ରମେ**

**ସ୍ୱା/- ସଚିବ**